# NATIONAL NEWS BULLETIN (ODIA)

## 29 January - 2026

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର ବିଜୟଚୌକରେ ଧ୍ୱଜାବତରଣ ସମାରୋହ ସହ ସମାପନ ହେଲା ୭୭ତମ ଗଣତନ୍ତ୍ର ଦିବସ ଉତ୍ସବ; ଯୋଗଦେଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ
- ଚଳିତ ଆର୍ଥିକ ବର୍ଷରେ ଜି.ଡି.ପି. ଅଭିବୃଦ୍ଧି ହାର ୭ ଦଶମିକ ୪ ପ୍ରତିଶତ ରହିବା ଆକଳନ

– ଆସନ୍ତା ରବିବାର ଦିନ ଲୋକସଭାରେ ବଜେଟ୍ ଉପସ୍ଥାପନ କରିବେ ଅର୍ଥମନ୍ତ୍ରୀ

- ନ୍ୟାୟପାଳିକାର କାର୍ଯ୍ୟଦକ୍ଷତା ବୃଦ୍ଧି ଓ ବିଚାରାଧୀନ ମାମଲା ହ୍ରାସ କରିବା ଲକ୍ଷ୍ୟ ନେଇ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରଶାସନିକ ପଦକ୍ଷେପର ଘୋଷଣା କଲେ ପ୍ରଧାନ ବିଚାରପତି

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାରେ ୟୁପି ୱାରିୟର୍ସ ବିପକ୍ଷ ମ୍ୟାଚ୍‌ରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

## ବିଟିଂ ରିଟ୍ରିଟ୍-୨୦୨୬

୭୭ତମ ଗଣତନ୍ତ୍ର ଦିବସ ସମାରୋହର ଉଦ୍‌ଯାପନୀ ଅବସରରେ ଆଜି ନୂଆଦିଲ୍ଲୀରେ ଧ୍ୱଜାବତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଜୟଚୌକ୍‌ଠାରେ ଅନୁଷ୍ଠିତ ହୋଇଥିବା ଏହି ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ସଶସ୍ତ୍ର ବାହିନୀର ବ୍ୟାଣ୍ଡଗୁଡ଼ିକ ବହୁ ଦେଶାତ୍ମବୋଧକ ଗୀତରେ ଧୂନ୍ ବଜାଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏହି ସମାରୋହରେ ଭାରତୀୟ ବାୟୁସେନା ବ୍ୟାଣ୍ଡ ଦ୍ୱାରା ଅପରେସନ୍ ସିନ୍ଦୂର ଉପରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନ କରାଯାଇଥିଲା । 'କଦମ୍ କଦମ୍ ବଢ଼ାୟ ଯା'ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ "ସାରେ ଯାହାଁସେ ଆଚ୍ଛା"ରେ ଶେଷ ହୋଇଛି । ଚଳିତ ବର୍ଷ ବିଜୟଚୌକର ବସିବା ସ୍ଥାନଗୁଡ଼ିକୁ ଭାରତୀୟ ବାଦ୍ୟଯନ୍ତ୍ର ଯେପରିକି ବାଂଶୁରୀ, ଡମ୍ବରୁ, ଏକତାରା, ଏସ୍.ରାଜ୍, ମୃଦଙ୍ଗମ୍, ନାଗଡ଼ା ଓ ବୀଣା ନାମରେ ନାମିତ କରାଯାଇଥିଲା । ଯାହା ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପୁନଃ ପରିଭାଷିତ କରିଥିଲା ।

## ସି.ଇ.ଏ.-ଇକୋନୋମିକ ସର୍ଭେ

ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି.ଅନନ୍ତ ନାଗେଶ୍ୱରନ୍ କହିଛନ୍ତି, ପର୍ଯ୍ୟାୟଭିତ୍ତିକ ଶ୍ରମ ଶକ୍ତି ସର୍ଭେ– ପି.ଏଲ୍.ଏଫ୍.ଏସ୍. ଆରମ୍ଭ ହେବା

ପରଠାରୁ ଦେଶରେ ନିଯୁକ୍ତି ପରିସ୍ଥିତିରେ ଉନ୍ନତି ଆସିଛି। ଆଜି ନୂଆଦିଲ୍ଲୀରେ ଅର୍ଥନୈତିକ ସର୍ଭେ ରିପୋର୍ଟ-୨୦୨୫-୨୬ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ନାଗେଶ୍ୱରନ୍ କହିଛନ୍ତି, ୨୦୨୩-୨୪ରେ ବେରୋଜଗାରୀ ହାର ୬ ପ୍ରତିଶତରୁ ହ୍ରାସ ପାଇ ୩ ଦଶମିକ ୨ ପ୍ରତିଶତ ହୋଇଛି। ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ୧୮ ପ୍ରତିଶତ ବୃଦ୍ଧି ପାଇଛି। ଶ୍ରୀ ନାଗେଶ୍ୱରନ୍ କହିଛନ୍ତି, ବର୍ଷର ପ୍ରଥମ ୯ ମାସରେ ବେରୋଜଗାରୀ ହାର ଗତ ତ୍ରୈମାସିକରେ ୫ ଦଶମିକ ୪ ପ୍ରତିଶତରୁ ୪ ଦଶମିକ ୯ ପ୍ରତିଶତକୁ ସ୍ଥିରତାର ସହ ହ୍ରାସ ପାଇଛି। କୋଭିଡ୍ ମହାମାରୀ ପୂର୍ବରୁ ବାସ୍ତବ ମୋଟ୍ ଘରୋଇ ଉତ୍ପାଦ ଜି.ଡି.ପି. ଅଭିବୃଦ୍ଧି ୬ ଦଶମିକ ୪ ପ୍ରତିଶତ ଥିଲା ଏବଂ ୨୦୨୫ ଆର୍ଥିକ ବର୍ଷରେ ଏହା ୬ ଦଶମିକ ୫ ପ୍ରତିଶତ ଥିଲା ଏବଂ ଏହି ବର୍ଷ ଏହା ୭ ଦଶମିକ ୪ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା କହିଛନ୍ତି, ଅନ୍ୟାନ୍ୟ ଅନ୍ତର୍ଭୁକ୍ତୀମୂଳକ ଅଭିବୃଦ୍ଧି ଦୃଷ୍ଟିରୁ ମାକ୍ରୋସୂଚକ ବ୍ୟତୀତ ଗ୍ରାମୀଣ ବିକାଶରେ ୮୧ ପ୍ରତିଶତ ପରିବାର ଏବେ ଟ୍ୟାପ୍ ପାଣି ପାଇପାରୁଛନ୍ତି। ୨ କୋଟି ୯୦ ଲକ୍ଷ ଘର ନିର୍ମାଣ ହୋଇଛି ଏବଂ ସ୍ୱାମୀତ୍ୱ ଯୋଜନା ଅଧୀନରେ ୨ କୋଟି ୭୬ ଲକ୍ଷ ସମ୍ପତ୍ତି କାର୍ଡ ବଣ୍ଟନ ହୋଇଛି। ସେ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୧୪ କୋଟି ୩୦ ଲକ୍ଷ ହିତାଧିକାରୀଙ୍କୁ ୟୁ.ୱିନ୍ ପୋର୍ଟାଲରେ ପଞ୍ଜୀକୃତ ହେବା ସହ ୪୨ କୋଟି ୮୦ ଲକ୍ଷ ଆୟୁଷ୍ମାନ ଭାରତ କାର୍ଡ ଜାରି କରାଯାଇଛି ବୋଲି ଶ୍ରୀ ନାଗେଶ୍ୱରନ୍ ସୂଚନା ଦେଇଛନ୍ତି।

# ନିର୍ମଳା- ଇକୋନୋମିକ ସର୍ଭେ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ଅର୍ଥନୈତିକ ସର୍ଭେ ରିପୋର୍ଟ–୨୦୨୫-୨୬ର ଉପସ୍ଥାପନ କରିଛନ୍ତି। ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତାଙ୍କ ତତ୍ତ୍ୱାବଧାନରେ ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ଦ୍ୱାରା ଏହି ଦସ୍ତାବିଜ ପ୍ରସ୍ତୁତ କରାଯାଇଥିଲା। ଅର୍ଥନୈତିକ ସର୍ବେକ୍ଷଣ ହେଉଛି ଦେଶର ବର୍ତ୍ତମାନର ଆର୍ଥିକ ସ୍ଥିତି ଏବଂ ଭବିଷ୍ୟତର ଦୃଷ୍ଟିକୋଣର ଏକ ବିସ୍ତୃତ ସମୀକ୍ଷା। ପରେ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଥିଲା। ଆସନ୍ତା ମାସ ୧ ତାରିଖରେ ପୁନର୍ବାର ଅଧିବେଶନ ଆରମ୍ଭ ହେବ। ସେହିଦିନ କେନ୍ଦ୍ର ବଜେଟ୍ ଉପସ୍ଥାପନ କରାଯିବ। ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆସନ୍ତା ମାସର ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ବଜେଟ୍ ଅଧିବେଶନ ସମୟରେ ୩୦ଟି ବୈଠକ ହେବ।

# ପିଏମ୍–ଦେବଗୌଡ଼ା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି.ଦେବଗୌଡ଼ାଙ୍କୁ ଭେଟିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ଶ୍ରୀ ଦେବଗୌଡ଼ାଙ୍କ ଚିନ୍ତାଧାରା ଉଲ୍ଲେଖନୀୟ। ସେ ରାଷ୍ଟ୍ର ବିକାଶ କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଉତ୍ସାହକୁ ପ୍ରଶଂସା କରିଛନ୍ତି।

## ସିଜେଆଇ ଲଞ୍ଚଡ୍ ଇନିସିଏଟିଭ୍

ନ୍ୟାୟପାଳିକାରେ କାର୍ଯ୍ୟ ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନ ମାମଲା ହ୍ରାସ କରିବା ଲକ୍ଷ୍ୟ ନେଇ ପାଇଁ ପ୍ରଯୁକ୍ତିବିଦ୍ୟା ଆଧାରିତ ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଆଜି ଘୋଷଣା କରିଛନ୍ତି। ବିଭିନ୍ନ ହାଇକୋର୍ଟ ସହିତ ଏକ ଡିଜିଟାଲ ସହଭାଗିତାର ସେ ଶୁଭାରମ୍ଭ କରିଛନ୍ତି। ଏହି ପ୍ରଣାଳୀ ଅନୁସାରେ ଟ୍ରାଏଲ କୋର୍ଟ ଆଦେଶ ଏବଂ ହାଇକୋର୍ଟ ନିର୍ଦ୍ଦେଶଗୁଡ଼ିକୁ ଡିଜିଟାଲ ଭାବରେ ଅପଡେଟ୍ ଏବଂ କୋର୍ଟଗୁଡ଼ିକରେ ପ୍ରତିଫଳିତ କରାଯିବ। ଯାହାଦ୍ୱାରା ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ଉଭୟସ୍ତରରେ ମାମଲା ବିଚାରାଧୀନତାର ଏକ ବ୍ୟାପକ ଭଣ୍ଡାର ସୃଷ୍ଟି ହେବ। ପ୍ରଧାନ ବିଚାରପତି ପ୍ରଶାସନିକ ଉଦ୍ଦେଶ୍ୟରେ ଏକ ସମନ୍ୱିତ ଅନଲାଇନ୍ ପେମେଣ୍ଟ ସିଷ୍ଟମ ଆରମ୍ଭ କରିବା ମଧ୍ୟ ଘୋଷଣା କରିଛନ୍ତି। କୋର୍ଟ କମ୍ପ୍ଲେକ୍ସର ଏକ ପ୍ରମୁଖ ସୁରକ୍ଷା ସଂଶୋଧନ ଉଦ୍ଦେଶ୍ୟରେ ପାର୍କ ଅଥୋରାଇଜେସନ୍ ରେକର୍ଡ କିପର–ପାର୍କ' ଆରମ୍ଭ କରିଛନ୍ତି। ଏହା ଏକ ନୂତନ ଆପ୍, ଯାହା ଯାନବାହନ ଅନୁମତି ଏବଂ ସୁରକ୍ଷା ମାର୍ଗଦର୍ଶିକାକୁ ସ୍ୱୟଂଚାଳିତ କରିଥାଏ। ଆବେଦନକାରୀମାନେ ବର୍ତ୍ତମାନ ଅନଲାଇନ୍‌ରେ ଅନୁରୋଧ ଦାଖଲ କରିବା ସହ ଆପ୍ ମାଧ୍ୟମରେ ସେମାନଙ୍କର ସ୍ଥିତି ଯାଞ୍ଚ କରିପାରିବେ।

## ଏସ୍‌ସି–ୟୁଜିସି ଷ୍ଟେ

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ସମାନତା ପ୍ରୋତ୍ସାହନ) ନିୟମାବଳୀ-୨୦୨୬ର କାର୍ଯ୍ୟକାରିତାକୁ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି। ଏ ସଂକ୍ରାନ୍ତ ଏକାଧିକ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚିଙ୍କ ଖଣ୍ଡପୀଠ ଏହି ମଧ୍ୟବର୍ତ୍ତୀକାଳୀନ ଆଦେଶ ପ୍ରଦନା କରିବା ସହ ବିଶିଷ୍ଟ ଆଇନଜ୍ଞଙ୍କୁ ନେଇ ଗଠିତ ଏକ କମିଟି ଦ୍ୱାରା ନିୟମାବଳୀର ପୁନଃସମୀକ୍ଷା ପାଇଁ ପରାମର୍ଶ ଦେଇଛନ୍ତି। ମାମଲାରେ ଜବାବ ଦାଖଲ କରିବାକୁ କେନ୍ଦ୍ର ସରକାର ଏବଂ ୟୁ.ଜି.ସି.କୁ କୋର୍ଟ ନୋଟିସ୍ ଜାରି କରିଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ୨୦୧୨ ନିୟମାବଳୀ ଆଧାରରେ ନିଷ୍ପତ୍ତି ଗ୍ରହଣ କରିବାକୁ ଖଣ୍ଡପୀଠ କହିଛନ୍ତି।

## ଭିପି- ଆରଏସ୍ ଓପନିଂ ରିମାର୍କସ

ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ସଦସ୍ୟମାନଙ୍କୁ ଅନୁରୋଧ କରିଛନ୍ତି, ସେମାନେ ଦୃଢ଼ ସଂସଦୀୟ ତଦାରଖ କରିବା ଏବଂ ସର୍ବୋଚ୍ଚ ସଂସଦୀୟ ମର୍ଯ୍ୟାଦା ବଜାୟ ରଖିବା ପାଇଁ ଯୋଗଦାନ କରନ୍ତୁ ଯାହା ଦ୍ୱାରା ଉଚ୍ଚ ସଦନ ତାଲିକାଭୁକ୍ତ କାର୍ଯ୍ୟର ଏକ ଅର୍ଥପୂର୍ଣ୍ଣ କାରବାର କରିପାରିବ। ରାଜ୍ୟସଭାର ଅଧିବେଶନର ପ୍ରାରମ୍ଭରେ ଶୂନ୍ୟକାଳରେ ନିଜର ପ୍ରାରମ୍ଭିକ ବକ୍ତବ୍ୟରେ ଶ୍ରୀ ରାଧାକ୍ରିଷ୍ଣନ କହିଥିଲେ, ବିବିଧ ବିଚାରଧାରା ଏବଂ ଉତ୍ସାହୀ ବିତର୍କ ମାଧ୍ୟମରେ ଦେଶର ଗଣତନ୍ତ୍ର ବିକଶିତ ହୋଇଥାଏ। ସେ କହିଥିଲେ, ସମ୍ମାନପୂର୍ଣ୍ଣ ମତ ବିନିମୟ ଏବଂ

ଗଠନମୂଳକ ଆଲୋଚନା ଆମ ସଂସଦୀୟ ଆଲୋଚନାର ନିୟମ ହେବା ଉଚିତ।

ଶ୍ରୀ ରାଧାକ୍ରିଷ୍ଣନ୍’ ବିଶ୍ୱ ଅର୍ଥବ୍ୟବସ୍ଥାରେ ଭାରତର ବୃଦ୍ଧି ପାଉଥିବା ପ୍ରଭାବ ଏବଂ ପ୍ରତିଷ୍ଠା, ଦେଶର ଆର୍ଥିକ ଦିଗ ନିର୍ଦ୍ଧାରଣରେ ସାଂସଦ ଭାବେ ଆମର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ କରିଥାଏ ବୋଲି କହିଥିଲେ। ସେ କହିଥିଲେ, ୩୦ଟି ବୈଠକରେ କେନ୍ଦ୍ର ବଜେଟ୍ ଏବଂ ସରକାରଙ୍କ ବୈଧାନିକ ପ୍ରସ୍ତାବଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବେ ଗୃହରେ ଅନୁଧ୍ୟାନ କରାଯିବ।

ଏହି ଅଧିବେଶନକୁ ଫଳପ୍ରଦ ତଥା ଏକ ସମୃଦ୍ଧ, ଆତ୍ମନିର୍ଭରଶୀଳ ଏବଂ ବିକାଶ ଭାରତ ଦିଗରେ ଏକ ଦୃଢ଼ ପଦକ୍ଷେପରେ ପରିଣତ କରିବା ଲାଗି ସେ ସମସ୍ତ ସଂସଦୀୟ ଦଳର ନେତା ଏବଂ ସଦସ୍ୟମାନଙ୍କ ପୂର୍ଣ୍ଣ ସହଯୋଗକୁ ସେ ଅପେକ୍ଷା କରିଛନ୍ତି ବୋଲି ଶ୍ରୀ ରାଧାକ୍ରିଷ୍ଣନ୍ କହିଥିଲେ।

## ଗୋଏଲ–କାନାଡ଼ା

କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଆଜି ପାରସ୍ପରିକ ଅଭିବୃଦ୍ଧି ଏବଂ ସମୃଦ୍ଧି ପାଇଁ ଭାରତ-କାନାଡା ସହଯୋଗକୁ ସୁଦୃଢ଼ କରିବାର ଉପାୟ ଉପରେ ମତ ବିନିମୟ କରିଛନ୍ତି। ନୂଆଦିଲ୍ଲୀରେ କାନାଡାର ଶକ୍ତି ଏବଂ ପ୍ରାକୃତିକ ସମ୍ପଦ ମନ୍ତ୍ରୀ ଟିମ୍ ହଡସନ୍‌ଙ୍କ ସହ ତାଙ୍କ ବୈଠକରେ ଉଭୟ ପକ୍ଷ’ ଶକ୍ତି ସୁରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ଅକ୍ଷୟ ଶକ୍ତି ଉପରେ ଆଲୋଚନା କରିଥିଲେ।

# ପ୍ରଗତି ସ୍ପେଶିଆଲ ଷ୍ଟୋରି

ପ୍ରଧାନମନ୍ତ୍ରୀଙ୍କ ସକ୍ରିୟ ଶାସନ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ପ୍ରମୁଖ ପ୍ଲାଟଫର୍ମ ପ୍ରଗତି ଏହାର ୫୦ତମ ବୈଠକର ସଫଳ ପରିଚାଳନା ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ଉନ୍ମୋଚିତ ହୋଇଛି। ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଗତି ସିଧାସଳଖ ପ୍ରଧାନମନ୍ତ୍ରୀ ସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗ ବାସ୍ତବ ସମୟ ତଦାରଖ ଏବଂ ସମାଧାନକୁ ସକ୍ଷମ କରି ଶାସନକୁ ପରିବର୍ତ୍ତନ କରିଛି। ଆଜି ଏହି ବିଶେଷ ଶୃଙ୍ଖଳାରେ ଆମେ ପ୍ରଗତି ବ୍ୟବସ୍ଥା ଦ୍ୱାରା ତଦାରଖ କରାଯାଉଥିବା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଧୀନରେ ପ୍ରକଳ୍ପଗୁଡ଼ିକ ଉପରେ ଆଲୋକପାତ କରିବା।

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ, ଏନ୍.ଏଚ୍.ଏ. ଆଇ. ହେଉଛି ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ବୈଧାନିକ ସଂସ୍ଥା, ଯାହା ସାରା ଦେଶରେ ଜାତୀୟ ରାଜପଥ ନେଟୱାର୍କର ବିକାଶ, ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଦାୟିତ୍ୱରେ ରହିଛି। କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର, ରିହାତିପ୍ରାପ୍ତ ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହିତ ସମନ୍ୱୟ ରକ୍ଷା କରି ଜାତୀୟ ରାଜପଥ ପ୍ରକଳ୍ପର ଯୋଜନା, କାର୍ଯ୍ୟକାରିତା ଏବଂ ପରିଚାଳନା ପାଇଁ କର୍ତ୍ତୃପକ୍ଷ ଉତ୍ତରଦାୟୀ।

ବର୍ତ୍ତମାନ, ପ୍ରଗତି ନେତୃତ୍ୱାଧୀନ ଇକୋସିଷ୍ଟମ ଅଧୀନରେ ପ୍ରକଳ୍ପ ମନିଟରିଂ ଗ୍ରୁପ୍ ପୋର୍ଟାଲରେ ମୋଟ ୧୨ ଲକ୍ଷ ୪୬ ହଜାର ୭୫୧ କୋଟି ଟଙ୍କା ନିବେଶ ସହିତ ୯୬୪ଟି ଜାତୀୟ ରାଜପଥ ପ୍ରକଳ୍ପର ତଦାରଖ କରାଯାଉଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ 'ପ୍ରଗତି' ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ମୋଟ ୩ ଲକ୍ଷ ୯୯ ହଜାର ୪୩୧ କୋଟି ଟଙ୍କାର ନିବେଶ ଥିବା ୨୭୩ଟି ପ୍ରକଳ୍ପର ସମୀକ୍ଷା କରାଯାଇଛି। ଏଥିରେ ୧୩୧ଟି ପ୍ରକଳ୍ପ ପୂର୍ବରୁ କାର୍ଯ୍ୟମ ହୋଇଥିବା  ଏବଂ ୧୪୨ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଅନ୍ତର୍ଭୁକ୍ତ। କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ହାରାହାରି ୮୪ ପ୍ରତିଶତ ପ୍ରଗତି ସହିତ ଯଥେଷ୍ଟ ଅଗ୍ରଗତି କରିଛି। ୪୯ଟି ପ୍ରକଳ୍ପର ୯୯ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ରହିଛି। ଏନ୍.ଏଚ୍.ଏ.ଆଇ.ର ୫୯୬ଟି ପ୍ରକଳ୍ପରେ ପି.ଏମ୍.ଜି. ପୋର୍ଟାଲରେ ମୋଟ ୧ ହଜାର ୭୬୫ଟି ପ୍ରସଙ୍ଗ ଉଠାଯାଇଛି। ଏଥିମଧ୍ୟରୁ ୧ ହଜାର ୬୮୦ଟି ପ୍ରସଙ୍ଗର ସମାଧାନ ହୋଇଛି। ଯେଉଁଥିରେ ପ୍ରଗତି-ସମୀକ୍ଷା ପ୍ରକଳ୍ପ ସହ ଜଡ଼ିତ ୭୯୫ଟି ପ୍ରସଙ୍ଗର ସମାଧାନ କରାଯାଇଛି। ପ୍ରଗତି ବ୍ୟବସ୍ଥା ଅଧୀନରେ ଅବଶିଷ୍ଟ ୮୫ଟି ପ୍ରସଙ୍ଗ ଉପରେ ସକ୍ରିୟ ଭାବେ ତଦାରଖ କରାଯାଉଛି।

## ମହିଳା କ୍ରିକେଟ

ମହିଳା ପ୍ରିମିୟର ଲିଗ୍ କ୍ରିକେଟରେ ଆଜି ଭଦୋଦରାର  ବି.ସି.ଏ. ଷ୍ଟାଡିୟମ୍‌ରେ ଆଉ ଅଳ୍ପ ସମୟ ମଧ୍ୟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

ଏବଂ ୟୁପି ଓ୍ୱାରିୟର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଟସ୍ ଜିତି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମେ ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଛି।